Institute of
Media
Studies
ESTD. 1994

**Institute of Media Studies**
(Affiliated to Utkal University)
Orissa Co-operative Housing Corp. complex
Unit-III, Kharvel Nagar, Bhubajneswar-751001
Tel: 0674 – 2394312, Fax -: 0674 – 2394314
E-mail:iims_bbsar@rediffmail.com, imsodisha@gmail.com
Website: www.imsorissa.org.in

## ଆଇ.ଏମ୍.ଏସ୍.ର ନୂତନ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଉତ୍ସବ

# ଇଂଟରନେଟ୍ ଛାତ୍ରଛାତ୍ରୀଙ୍କର ଚିନ୍ତାଶକ୍ତିକୁ ବିକଳାଙ୍ଗ କରିଛି

ଭୁବନେଶ୍ୱର ୨୧/୦୮ :ବର୍ତମାନ ବିଜ୍ଞାନ ଓ ବୈଷୟିକ ଯୁଗରେ ଇଂଟରନେଟ୍ ଓ ଅତ୍ୟାଧୁନିକ ଗ୍ୟାଜେଟ୍ସ୍ ଛାତ୍ରଛାତ୍ରୀ ମାନଙ୍କର ବୌଦ୍ଧିକ ଚିନ୍ତାଶକ୍ତିକୁ ବିକଳାଙ୍ଗ କରିଦେଇଛି । ଯାନ୍ତ୍ରିକ ବିଜ୍ଞାନର ପ୍ରୟୋଗ ମନୁଷ୍ୟର ବ୍ୟକ୍ତିଗତ ଜୀବନକୁ ନିୟନ୍ତ୍ରଣ କରୁଥିବାବେଳେ, ବହି ପଢିବା ଅଭ୍ୟାସ ଦିନକୁ ଦିନ କ୍ଷୀଣ ହେବାରେ ଲାଗିଛି । ଅନୁରୂପ ଭାବରେ ଛାତ୍ରଛାତ୍ରୀମାନେ ପାଠ୍ୟପୁସ୍ତିକା ଅପେକ୍ଷା ଇଂଟରନେଟ୍ ଉପରେ ବେଶୀ ନିର୍ଭର କରୁଛନ୍ତି ବୋଲି ବ୍ୟକ୍ତାମାନେ ଏକ ଆଲୋଚନାଚକ୍ରରେ ଉଦ୍‌ବେଗ ପ୍ରକାଶ କରିଛନ୍ତି ।

ସ୍ଥାନୀୟ ଇନିଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍ ପକ୍ଷରୁ ନୂତନ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଉତ୍ସବ ଅବସରରେ ଆୟୋଜିତ "ବୃତିଗତ ଶିକ୍ଷାରେ ସୁଯୋଗ ଓ ସମସ୍ୟା" ସଂପର୍କୀତ ଆଲୋଚନାଚକ୍ରରେ ଯୋଗଦେଇ ବରିଷ୍ଠ ସାମ୍ବାଦିକ ଅଶୋକ ପଣ୍ଡା ବୃତିଗତ ତାଲିମ୍ ଉପରେ ଗୁରୁତ୍ୱ ପ୍ରକାଶ କରିଥିଲେ । ସେ ଛାତ୍ରଛାତ୍ରୀ ମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ସଠିକ ତାଲିମ୍ ଓ ଶିକ୍ଷା ବୃତିଗତ ଜୀବନରେ ସଫଳତା ଆଣିବା ସହିତ କାର୍ଯ୍ୟକ୍ଷେତ୍ରରେ ନିପୁଣତା ଆଣିଥାଏ । ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କର ବିଶେଷ ସହାୟତା ଆମର ଭୁଷୁଡି ଯାଉଥିବା ଶିକ୍ଷା ବ୍ୟବସ୍ଥାକୁ ସଜାଡିବାରେ ସହାୟତା ହେବବୋଲି ସେ ମତବ୍ୟକ୍ତ କରିଥିଲେ ।

ଅନ୍ୟତମ ଅତିଥି ଟାଟା ଷ୍ଟିଲ୍‌ର ସାମାଜିକ ଦାୟୀତ୍ୱବୋଧ ବିଭାଗର ଓଡ଼ିଶା ମୁଖ୍ୟ ଅମ୍ବିକା ପ୍ରସାଦ ନନ୍ଦ ଛାତ୍ରଛାତ୍ରୀ ମାନଙ୍କୁ ବିଭିନ୍ନ ବହି ପଢିବା ପାଇଁ ଉପଦେଶ ଦେଇଥିଲେ । ଶ୍ରେଣୀକକ୍ଷ ଶିକ୍ଷାଦାନ ସହିତ ଆମ ପାରିପାଶ୍ୱରେ ଉପଲବ୍ଧ ଥିବା ଜ୍ଞାନ ପ୍ରତି ଛାତ୍ରଛାତ୍ରୀମାନେ ଆଗ୍ରହୀ ହେବା ଉଚିତ୍ । ପୁରୁଷ ପ୍ରଧାନ ସାମାଜିକ ବ୍ୟବସ୍ଥାରେ ବେଳେବେଳେ ମହିଳାମାନେ ଭେଦଭାବର ଶିକାର ହେଉଥିବା ବେଳେ ଆମର ଶିକ୍ଷା ବ୍ୟବସ୍ଥା ଏହାର ସଂସ୍କାର ଆଣିବା ଦିଗରେ ପଦକ୍ଷେପ ନେବା ଉଚିତ ବୋଲି ସେ ମତପ୍ରକାଶ କରିଥିଲେ ।

ନକ୍ଷତ୍ର ନ୍ୟୁଜ୍‌ର ମୁଖ୍ୟ ସଂପାଦକ ଶିଶିର ଭଟ୍ଟ ମିଶ୍ର ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ସୃଜନଶୀଳତା ଓ ଦକ୍ଷତା ସାମ୍ବାଦିକ ଓ ଗଣଯୋଗାଯୋଗ କ୍ଷେତ୍ରରେ ସଫଳତା ଆଣିଦେବ ବୋଲି କହିଥିଲେ । ଗଣମାଧମର ଭୂମିକା ଦିନକୁ ଦିନ ପରିବର୍ତନ ହେଉଥିବା ବେଳେ ଏହା ସହିତ ଖାପ ଖୁଆଇ କାମ କରିବା ସେତିକି କଷ୍ଟସାଧ । ନୂତନ ଜ୍ଞାନ କୌଶଳ ଓ ସାମାଜିକ ଗଣମାଧମର ଉତ୍ପତି ପରେ ତଥ୍ୟ ଓ ସୂଚନା ପ୍ରସାରଣ କ୍ଷେତ୍ରରେ ଏକ ପ୍ରକାର ବିସ୍ଫୋରଣ ସୃଷ୍ଟି କରିଛି । ସେଥିପାଇଁ ଛାତ୍ରଛାତ୍ରୀମାନେ ପ୍ରଥମ ଦିନରୁ ସେଥିପ୍ରତି ସଚେତନ ରହି ନିଜକୁ ଦକ୍ଷ କରିବା ଉଚିତ୍ ବୋଲି ସେ ଉପଦେଶ ଦେଇଥିଲେ ।

ଅନ୍ୟମାନଙ୍କ ମଧରେ କଂପାନୀ ସେକ୍ରେଟାରୀ ଗୋପିନାଥ ନାୟକ ଓ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଉପେନ୍ଦ୍ର ପାଢୀ ଉଦ୍‌ବୋଧନ ଦେଇଥିଲେ । ଅନ୍ୟ ଏକ ଅଧିବେଶନରେ ବିଭିନ୍ନ ବିଭାଗର ଅଧାପକ ଅଧାପିକା ଛାତ୍ରଛାତ୍ରୀମାନଙ୍କୁ ବିଷୟଗତ ସବିଶେଷ ବିବରଣୀ ଉପସ୍ଥାପନ କରିଥିଲେ । ଅଧାପିକା ଡଃ ଗାୟତ୍ରୀ ପଟ୍ଟନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଅଧାପକ ରଘୁନାଥ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ ।

**ନିର୍ଦ୍ଦେଶକ**